# ନାଲ୍‌କୋ ବ୍ରାଉନ ଫିଲ୍ଡ୍ ସମ୍ପ୍ରସାରଣ ନେଇ ବଢୁଛି ତାତି

■କାଙ୍ଗୁଲା, କୁଲାଡ଼ ଓ ଗୋପୀନାଥପୁର ଗ୍ରାମବାସୀଙ୍କ ବୈଠକ
■ପୁନର୍ବାସ ଓ ଥଇଥାନ ଜନଶୁଣାଣି ବର୍ଜନ ନିଷ୍ପତ୍ତି



ଅନୁଗୋଳ,୨୨।୩ (ଦିବ୍ୟଶାନ୍ତନୁ ନାଥ)

ନାଲ୍‌କୋ ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟ ଯେତିକି ଆଗକୁ ବଢ଼ିବାରେ ଲାଗିଛି, ଜନସାଧାରଣଙ୍କ ମଧ୍ୟରେ ବିଦ୍ରୋହର ସ୍ୱର ସେତିକି ଘନୀଭୂତ ହେଉଛି। ଆଗାମୀ ୨୬ ତାରିଖରେ ଜିଲା ପ୍ରଶାସନ ଓ ନାଲକୋ ପକ୍ଷରୁ ଜମି ଅଧିଗ୍ରହଣ ନିମନ୍ତେ ପୁନର୍ବାସ ଓ ଥଇଥାନ ନୀତି ନେଇ ଜନଶୁଣାଣି ଆୟୋଜନ ହେବାକୁ ଯାଉଛି। ଏହାକୁ ବିରୋଧ ପାଇଁ ଲୋକେ ମେଳି ହେଉଥିବା ଜଣାପଡ଼ିଛି। ଜମି ଅଧିଗ୍ରହଣ ୧୧(୧) ନୋଟିଫିକେଶନ ହେବା ଦିନଠାରୁ ଲୋକେ ପରିବାର ପିଛା ସ୍ଥାୟୀ ନିଯୁକ୍ତି ନେଇ ଦାବି କରିଆସୁଛନ୍ତି। ହେଲେ ଏଯାବତ୍ ନାଲ୍‌କୋ ପକ୍ଷରୁ କୌଣସି ଭରସାଯୋଗ୍ୟ ପ୍ରତିଶ୍ରୁତି ମିଳିଲା ନାହିଁ। ଏହି କାରଣରୁ ଲୋକେ ନାଲକୋ କିମ୍ବା ଜିଲା ପ୍ରଶାସନକୁ ଜମି ଅଧିଗ୍ରହଣ ନିମନ୍ତେ ଆଉ ସହଯୋଗ କରିବେ ନାହିଁ ବୋଲି ରବିବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ସୂଚନା ମୁତାବକ, ନାଲକୋ ଆଲୁମିନିୟମ କାରଖାନା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଅନୁଗୋଳ ତହସିଲ ଅନ୍ତର୍ଗତ କାଙ୍ଗୁଲା, କୁଲାଡ଼ ଓ ଗୋପୀନାଥପୁର ମୌଜାରୁ ଜମି ଅଧିଗ୍ରହଣ କରିବାକୁ ଯାଉଛି। ୨୦୨୩ରୁ ଏନେଇ ନୋଟିଫିକେଶନ ଜାରି ହୋଇଥିବା ବେଳେ ବହୁ ସମୟରେ ଲୋକଙ୍କ ବିରୋଧ କାରଣରୁ ଏଯାବତ୍ ଅଧିଗ୍ରହଣ କାର୍ଯ୍ୟ ଆଗେଇ ପାରୁନାହିଁ। ତେବେ ଲୋକଙ୍କ ଅଭିଯୋଗ ମୁତାବକ ଜମି ଅଧିଗ୍ରହଣ ପାଇଁ ହୋଇଥିବା ସର୍ଭେ ଦିନରୁ ଲୋକେ ଏହାକୁ ବିରୋଧ କରିବା ସହ ଯେପର୍ଯ୍ୟନ୍ତ ପ୍ରତି ଜମିହରା ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ କୌଣସି ଚୁକ୍ତି କିମ୍ବା ଲିଖିତ ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ସହଯୋଗ କରାଯିବ ନାହିଁ। ଗତ ଫେବୃଆରୀ ୧୮ତାରିଖରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଆୟୋଜିତ ହୋଇଥିବା ବେଳେ ଲୋକେ ପ୍ରଦୂଷଣ ନେଇ ଅନେକ ଅଭିଯୋଗ କରିଥିଲେ। ହେଲେ ଏହାପରେ ଜମି ଅଧିଗ୍ରହଣ ନେଇ ପୁଣି ଆଗକୁ ବଢ଼ିବାରେ ଲାଗିଛି। ଲୋକେ ଯେତେ ବିରୋଧ କଲେ ମଧ ପ୍ରଶାସନ କୌଣସି କଥାରେ ଭୃକ୍ଷେପ କରୁ ନ ଥିବା ଲୋକେ ଅଭିଯୋଗ ଆଣିଛନ୍ତି। ପ୍ରଥମ ଦିନରୁ ଲୋକଙ୍କ ସ୍ଥାୟୀ ନିଯୁକ୍ତି ଦାବି ଉପରେ ଆଲୋଚନା ହୋଇପାରି ନଥିବା ବେଳେ କିଛି ଲୋକଙ୍କୁ ହାତବାରିସୀ ସଜାଇ ନାଲକୋ ପ୍ରଶାସନ ଜରିଆରେ ଗୋଟିଏ ପରେ ଗୋଟିଏ ପାଦ ଆଗକୁ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଗାଁରୁ ଗାଁ ନାଲକୋ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର କର୍ମଚାରୀମାନେ ବୁଲି ପୁନର୍ବାସ ଓ ଥଇଥାନ ନେଇ ସର୍ଭେ ଜାରି ରଖିଛନ୍ତି। ଏହା ଉପରେ ଆସନ୍ତା ୨୬ ତାରିଖରେ ନାଲକୋ ସ୍ମେଲଟର କାରଖାନା ଭିତରେ ଥିବା ଟ୍ରେନିଂ ସେଣ୍ଟର ମଧ୍ୟରେ ଜନ ଶୁଣାଣି ଅନୁଷ୍ଠିତ ହେବାକୁ ଯାଉଛି। ଏହା ମଧ୍ୟରେ ତିନି ଗାଁର ଗ୍ରାମବାସୀ ଏକଜୁଟ ହେବା ସହ ଏହି ବୈଠକ ପୂର୍ବରୁ ଯଦି ଗ୍ରାମବାସୀ, ପ୍ରଶାସନ ଓ ନାଲକୋ ମଧ୍ୟରେ ତ୍ରିପାକ୍ଷିକ ବୈଠକରେ କୌଣସି ସମାଧାନ ସୂତ୍ର ନ ବାହାରେ, ତେବେ ଏହି ବୈଠକକୁ ଲୋକେ ବିରୋଧ କରିବା ସହ ତିନିଗ୍ରାମର ପୁରୁଷ ମହିଳା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ଉକ୍ତ ବୈଠକରେ ଅନିଲ ତ୍ରିପାଠୀ, ବିପ୍ଳବ ଜେନା, ବିଭୂତି ଭୂଷଣ ତ୍ରିପାଠୀ, ଶରଣ ଜେନା, ସନ୍ତୋଷ ନାଏକ, ସୁଧୀର ଜେନା, ଦାଶରଥି ସାହୁ, ପୁରୁଷୋତ୍ତମ ବିଶ୍ୱାଳ, ସୁରଥ ବେହେରା, ନିରାକାର ସାହୁ, ନୀଳମଣି ପ୍ରଧାନ, ସନ୍ତୋଷ ଖୁଣ୍ଟିଆ, ପ୍ରତାପ ନାଥ, ଶ୍ରୀକାନ୍ତ ସାହୁ, ଶ୍ରୀପତି ଭୋଇ, କୃଷ୍ଣଚନ୍ଦ୍ର ଧର, ତ୍ରିନାଥ ସାହୁ, ରାଜେଶ ପ୍ରଧାନ, ବିବେକାନନ୍ଦ ରଥ, ରାଜେଶ ତ୍ରିପାଠୀ, ଦେବରାଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦେହୁରୀ, ବୈରାଗୀ ସେଠୀ,କ୍ଷେତ୍ରମୋହନ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାସନ୍ତୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶେଷ



ଅନୁଗୋଳ,୨୨।୩ (ଦିବ୍ୟଶାନ୍ତନୁ ନାଥ)

**୨୪ରେ ଷଷ୍ଠୀପୂଜା, ୨୯ରେ ଭସାଣି**

ସ୍ଥାନୀୟ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ବିଂଶତିତମ ବାସନ୍ତୀ ଦୁର୍ଗାପୂଜା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଟକର ପ୍ରସିଦ୍ଧ କାରିଗର ଶୀତଳ କୁମାର ବେହେରା ଓ ତାଙ୍କ ସହଯୋଗୀ ମୂର୍ତ୍ତି ତିଆରି କରୁଛନ୍ତି। ଚଳିତ ବର୍ଷ ପୂଜାକୁ ସରସ ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୪ ତାରିଖ ଦିନ ମା'ଙ୍କ ବିଲ୍ୱବରଣ, ଅଧିବାସ, ସନ୍ଧ୍ୟାରେ ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୫ ତାରିଖ ଦିନ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ଅପରାହ୍ନରେ ବାଳିକା କବାଡି ଓ ପରେ ସାଂସ୍କୃତିକ ବିଚିତ୍ରା ଓ ମହାସପ୍ତମୀ ପୂଜା, ୨୬ ତାରିଖ ଦିନ ମହାଷ୍ଟମୀ ପୂଜା, ଅପରାହ୍ନରେ ମାର୍ଶାଲ ଆର୍ଟ ପ୍ରଦର୍ଶନ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୭ ତାରିଖ ଦିନ ମହାନବମୀ ପୂଜା, ନବକୁମାରୀ ପୂଜା, ପୂର୍ବତନ ସୈନିକ ସଂଘ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଓ ସନ୍ଧ୍ୟାରେ ସାମୂହିକ ଦାଣ୍ଡିଆ ଅନୁଷ୍ଠିତ ହେବ। ୨୮ ତାରିଖ ଦିନ ପୂର୍ଣ୍ଣାହୁତି, ଘଟ ବିସର୍ଜନ ସନ୍ଧ୍ୟାରେ ମେଲୋଡି ଓ ୨୯ ତାରିଖ ଦିନ ଭସାଣି ସମାରୋହ ଅନୁଷ୍ଠିତ ହେବ। କମିଟିର ୨୦ ବର୍ଷର ସ୍ମୃତିରେ ଫଟୋ ପ୍ରଦର୍ଶନୀ ମଧ୍ୟ ରହିବ ବୋଲି କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୂପ କୁମାର ମହାନ୍ତି, ଉପସଭାପତି ଯତୀନ ସେଠୀ, ସହସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ତାପସ ରଞ୍ଜନ ରାୟ, ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା ଏକ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି।

# ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ତେନ୍ତୁଳି ଖଣ୍ଡହତା ଗ୍ରାମର ଗୀତାଞ୍ଜଳି ପ୍ରଧାନଙ୍କୁ ସେହିଗ୍ରାମର ରାଜ୍‌କା ପ୍ରଧାନ ମାଡ଼ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଗୀତାଞ୍ଜଳି ଶନିବାର କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୭୪/୨୬ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଗୀତାଞ୍ଜଳି ଘରେ ଥିବାବେଳେ ରାଜ୍‌କା ଶାବଳ ମାଗିଥିଲେ। ହେଲେ ଶାବଳ ନାହିଁ କହିବାରୁ ସେ ତାଙ୍କୁ ମାଡ଼ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

# ଗୋପାଳପ୍ରସାଦରେ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ





ତାଳଚେର, ୨୨।୩ (ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା'କୁଟେଇଶୁଣୀ ପୀଠ ପରିସରରେ ରବିବାର ପାଳିତ ହୋଇଯାଇଛି । ମା'ଙ୍କ ମୁଖ୍ୟ ପୂଜକଙ୍କ ଦିଅଁଘରୁ ମଧ୍ୟାହ୍ନ ୧୨.୪୫ ମିନିଟ୍‌ରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ କୁଟେଇଶୁଣୀ ମଣ୍ଡପକୁ ଆଣିଥିଲେ। ମୁଖ୍ୟପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ମା'ଙ୍କ ଆଲମକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମାର୍ଜନା ଓ ସ୍ନାନ ପରେ ଶାବର ମତରେ ପୂଜାର୍ଚ୍ଚନା କରିଥିଲେ। ପରେ ଦୁଇଜଣ ପାଇକ ଠାକୁରାଣୀଙ୍କ ପାଟଖଣ୍ଡା ଓ ଆଜ୍ଞାମାଳ ନେଇ ଗୋପାଳପ୍ରସାଦ ଗ୍ରାମସ୍ଥିତ ପାଟଣାସାହିରେ ଥିବା ପତିଆରଙ୍କ ବାସଗୃହକୁ ଡାକି ଯାଇଥିଲେ। ବିଧି ଅନୁଯାୟୀ ପାଇକମାନେ ତିନି ଥର ଡାକିଲା ପରେ ପତିଆର ସ୍ନାନାଦି କର୍ମ ସମାପନ କରି କୁଟେଇଶୁଣୀ ମଣ୍ଡପକୁ ବିଜେ କରିଥିଲେ । ମୁଖ୍ୟ ଦେହୁରୀଙ୍କ ହସ୍ତରୁ ପାଣି ନେଇ ପତିଆର ପଞ୍ଚାଙ୍ଗ ଧୌତ ହେଲା ପରେ ପୂଜା ପିଢ଼ ସମ୍ମୁଖରେ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପରିଧାନ କରି ଆସନ ଗ୍ରହଣ କରିଥିଲେ। ଏହାପରେ ଦେହୁରୀ ପତିଆରଙ୍କୁ ଦେବୀ ରୂପରେ ଷୋଡଶୋପଚାର ବିଧି ଅନୁଯାୟୀ ପୂଜା କରିଥିଲେ । ପାରମ୍ପରିକ ଢୋଲ, ନିଶାଣ, ମହୁରୀ ଆଦି ବାଦ୍ୟ ନାଦ ମଧ୍ୟରେ ପତିଆରଙ୍କ ମସ୍ତକରେ ଗୁଡ଼ର ସହସ୍ରଧାର ଢଳା ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାକୁ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପୂଜା କୁହାଯାଏ।

ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଉତ୍ସବ ପରିଚାଳନାରେ ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ସଦସ୍ୟ ଜଗନ ମୋହନ ଗଡ଼ନାୟକ, ରାଜେନ୍ଦ୍ର କୁମାର ସିଂହ, ସଞ୍ଜୟ ସାହୁଙ୍କ ସମେତ ମା' ହିଙ୍ଗୁଳାଙ୍କ ସେବାୟତ ଦିଲେଶ୍ୱର ସାମଲ, ହାଡିବନ୍ଧୁ ମହାନ୍ତି, ମୁଚିଆ ଦେହୁରୀ, ହିମାଂଶୁ ଗଡ଼ନାୟକ, ଅରୁଣ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ୩୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖରେ ସମାପନ ହେବ ବୋଲି ସ୍ଥିରୀକୃତ ହୋଇଛି । ସୋମବାର ମା' ହିଙ୍ଗୁଳାଙ୍କ ଯାତ୍ରାର ଅନ୍ତିମ ସମୀକ୍ଷା ବୈଠକ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଗାଁରୁ ବାସନ୍ଦ ଅଭିଯୋଗ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଖମାର ଗ୍ରାମର ଶତ୍ରୁଘ୍ନ ସାହୁଙ୍କୁ ଗ୍ରାମରୁ ବାସନ୍ଦ କରାଯିବା ସହ ମାଡ଼ ମରାଯାଇଥିବା ଶତ୍ରୁଘ୍ନ ଠାକୁରଗଡ଼ ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଗ୍ରାମର ଶାନ୍ତିଲତା ସାହୁଙ୍କ ସହ କଥା ହୋଇଥିଲେ । ଶାନ୍ତିଲତାଙ୍କୁ ପୂର୍ବରୁ ଗ୍ରାମରୁ ବାସନ୍ଦ କରାଯାଇଥିବାରୁ ଗ୍ରାମ ସଭାପତି ରମେଶ ନାୟକ କାହିଁକି କଥାହେଲୁ କହି ଗ୍ରାମରେ ବୈଠକ କରି ବାସନ୍ଦ କରିଥିବା ନିଷ୍ପତ୍ତି ନେଇଛନ୍ତି । ଶତ୍ରୁଘ୍ନ କାହିଁକି ବାସନ୍ଦ କରାଗଲା ବୋଲି ରମେଶଙ୍କୁ ପଚାରିବା ସହ ପ୍ରତିବାଦ କରିଥିଲେ। ସେ ବିରୋଧ କରିବାରୁ ତାଙ୍କୁ ମାଡ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୫୯/୨୬ରେ ଏକ ମାମଲା ରୁଜୁ କରିଛି। ଶତ୍ରୁଘ୍ନ ବାସନ୍ଦ ସମ୍ପର୍କରେ ଗ୍ରାମ ସଭାପତି ରମେଶ ନାୟକଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇନଥିଲେ ।

# ମହାନଦୀ ଗର୍ଭରୁ ୧ କୁଇଣ୍ଟାଲ ବର୍ଜ୍ୟ ପ୍ଲାଷ୍ଟିକ ସଂଗୃହୀତ




ଆଠମଲ୍ଲିକ, ୨୨।୩ (ଉଦିପ୍ତ ପୁରୋହିତ)

ପ୍ଲାଷ୍ଟିକର ବହୁଳ ବ୍ୟବହାର ସାତକୋଶିଆ ଗଣ୍ଡକୁ ନକରାତ୍ମକ ଭାବେ ପ୍ରଭାବିତ କରିଚାଲିଛି । ସାମ୍ପ୍ରତିକ ସମୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡିକ ସାତକୋଶିଆ ଗଣ୍ଡର ଜୈବବିବିଧତାର ଗୁରୁତ୍ୱକୁ ନଷ୍ଟକରୁଛି। ଯାହାଦ୍ୱାରା ବନିକେୟୀ ପୀଠ ଓ ଟିକରପଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀଗୁଡିକ ଦ୍ରୁତ ଗତିରେ ପ୍ରଦୂଷିତ ହେଉଛି। ମହାନଦୀ ଗର୍ଭରେ ଗଦାଗଦା ପ୍ଲାଷ୍ଟିକ ଭର୍ତ୍ତି ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଛି। ଏହି ସମସ୍ୟାକୁ ହୃଦୟଙ୍ଗମ କରି ସାମାଜିକ ଅନୁଷ୍ଠାନ ସାଥୀ ପରିବାର, ଆଠମଲ୍ଲିକର ସମାଧାନ ଏବଂ ସେକେଣ୍ଡ ଲାଇଟ ୟୁଥ ଆସୋସିଏଶନ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସାତକୋଶିଆ ରାମସର ସାଇଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଶ୍ୱ ଜଳ ଦିବସ ଅବସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ପ୍ରଥମ ଦିନରେ ୧ କୁଇଣ୍ଟାଲ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା । ସଂଗୃହୀତ ସମସ୍ତ ପ୍ଲାଷ୍ଟିକ ଆବର୍ଜନାକୁ ପୁନଃଚକ୍ରଣ ପାଇଁ ଆଠମଲ୍ଲିକସ୍ଥିତ କବାଡ଼ କେନ୍ଦ୍ରରେ ଜମା କରାଯାଇଥିଲା । ସାଥୀ ପରିବାର ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ନେତୃତ୍ୱରେ ପ୍ଲାଷ୍ଟିକ ସଂଗୃହୀତ କାର୍ଯ୍ୟକ୍ରମରେ ବନ୍ତଳାର ନାରୀନେତ୍ରୀ ଲିପି ସାହୁ, ସମାଧାନ ପରିବାରର ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ, ଗୁରୁଜୀ ନରହରି ପ୍ରଧାନ, ଗୁରୁମା ପ୍ରଭାତ ନଳିନୀ କ୍ଷେତ୍ରୀ, ଚିନ୍ମୟୀ କ୍ଷେତ୍ରୀ, ସସ୍ମିତା ଭୁକ୍ତା, ପ୍ରଭାତୀ ବେହେରା, ସେକେଣ୍ଡ ଲାଇଟ ୟୁଥର ସଭାପତି ପ୍ରଦୀପ କୁମାର ସାହୁ, ସୌଭାଗ୍ୟ ସାହୁ, ସାଥୀ ପରିବାର ଅନୁଷ୍ଠାନର ଗୁରୁଦେବ ସାହୁ, ପିଣ୍ଟୁ ବେହେରା, ସୌମ୍ୟରଞ୍ଜନ ଥମ୍ୱ, ସ୍ୱରୂପଦୀପ ସିହ୍ନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ସାତକୋଶିଆ ଗଣ୍ଡକୁ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ଯୋଜନାବଦ୍ଧ ଭାବେ ରଣନୀତି ପ୍ରସ୍ତୁତ କରାଯିବାକୁ ସାଥୀ ପରିବାରର ସମ୍ପାଦକ ସୁବ୍ରତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ଶ୍ରୀଶ୍ରୀ କେଶବ ନାଥଙ୍କ ଅଷ୍ଟପ୍ରହର ନାମଯଜ୍ଞ



ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର କୀର୍ତ୍ତନ।

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ସହର ଯାଉଁଳିପୋଖରୀ ମଠ ପରିସରରେ ଶ୍ରୀଶ୍ରୀ କେଶବ ନାଥଙ୍କ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖ ଶୁକ୍ରବାର ସ୍ଥାନୀୟ ଭାଗିରଥୀ ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ଭକ୍ତମାନେ ୧୦୮ରୁ ଊର୍ଦ୍ଧ୍ୱ କଳସ ଧାରଣ କରି ସହର ପରିକ୍ରମା କରି ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ସ୍ଥାପନ କରିବା ପରେ ଅଧିବାସ ଅନୁଷ୍ଠିତ ହୋଇଥିଲା । ୨୧ତାରିଖ ସକାଳ ୬ଟାରୁ ଅହୋରାତ୍ର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କରାଯାଇଥିଲା । ଆଖପାଖ ଅଞ୍ଚଳର ୧୧ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ଯାଉଁଳୀପୋଖରୀ ମଠଠାରୁ ନଗର କୀର୍ତ୍ତନରେ ସଂକୀର୍ତ୍ତନ ମଣ୍ଡଳୀ ବାହାରି ପରିବା ମାର୍କେଟ୍ ଦେଇ ବାଜିଚୌକ ଠାରେ ପହଞ୍ଚି ଶାସନ ଛକ ବାଟରେ ପ୍ରତ୍ୟାବର୍ତ୍ତନ କରି ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ପହଞ୍ଚିଥିଲେ ।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ

ଖମାର, ୨୨।୩ (ରଜନୀକାନ୍ତ ମହାରଣା)

ପାଲଲହଡା ଉପଖଣ୍ଡ ଖମାର ଭାଜପା ମଣ୍ଡଳର ଇଞ୍ଜିଡ଼ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅଧୀନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଖମାର ମଣ୍ଡଳର ସମସ୍ତ ପଦାଧିକାରୀ ଓ କର୍ମୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ଦଳକୁ ନେଇ କିପରି ଲୋକାଦୃତ କରାଯାଇପାରିବ ସେହି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଖମାର ମଣ୍ଡଳ ସଭାପତି କାର୍ତ୍ତିକ ପ୍ରଧାନ, ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ସୋଭାଗିନୀ ପ୍ରଧାନ, ଲିଙ୍ଗରାଜ ଦାସ, ଶୁଭସ୍ମିତା ଜେନା, ପରଛାଟ ସରପଞ୍ଚ ବବିତା ଘଟୁଆରି, ଖମାର ସରପଞ୍ଚ ଚକାଡୋଳା ନାଏକ, ରଜଡଙ୍ଗ ସରପଞ୍ଚ ଦିବ୍ୟାଭାରତୀ ସାମଲ, ମୁଣ୍ଡୁରିବେଡ଼ା ସରପଞ୍ଚ ସଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିବାବେଳେ ଖମାର ମଣ୍ଡଳର ସମସ୍ତ ପଞ୍ଚାୟତ ସଭାପତି, ଯୁବମୋର୍ଚ୍ଚା ସଦସ୍ୟଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



# ଜଙ୍ଗଲ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଶପଥ ପାଠ




ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ବିଶ୍ୱ ଯୁବକେନ୍ଦ୍ରର ୪୦ ତମ ସେବାବର୍ଷ ଉପଲକ୍ଷେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରପୁର ବନ ସୁରକ୍ଷା ସମିତି ଠାରେ ଜଙ୍ଗଲ ସୁରକ୍ଷା, ଅର୍ଥ ଓ ଜୀବନ ଜୀବିକା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲର ଭୂମିକା ଓ ଜୀବଜନ୍ତୁଙ୍କ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଆଠମଲ୍ଲିକ ବନଖଣ୍ଡ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, ସଭ୍ୟ ସମ୍ପାଦକ କବିତା ସାହୁ ପ୍ରମୁଖ ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ଜୀବନ ଜୀବିକାର ଉନ୍ନତି, ବନ୍ୟପ୍ରାଣୀଙ୍କ ବାସସ୍ଥାନ, ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଉପରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପ୍ରକୃତି ପ୍ରଦତ୍ତ ଜଙ୍ଗଲରୁ ଜଙ୍ଗଲ ନିକଟରେ ବାସ କରୁଥିବା ପରିବାରକୁ ମିଳୁଥିବା ଆର୍ଥିକ ସହାୟତାରେ ବହୁ ଗରିବ ପରିବାର ପୋଷଣ ହେଉଥିବାର ଏକ ଚିତ୍ର ଉପସ୍ଥାପନ କରାଯାଇଥିଲା। ସମସ୍ତ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ପ୍ରତି ଯତ୍ନବାନ ହେବେ ବୋଲି ଏକ ଶପଥ ପାଠ କରିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକ କ୍ଷେତ୍ର ପରିଚାଳନା ଏକକର ସହଯୋଗୀ ସଂସ୍ଥା, ବିଶ୍ୱ ଯୁବକେନ୍ଦ୍ରର ଟିମ୍ ଲିଡର ସୁମିତ କୁମାର ବଳିୟାରସିଂ, ବିକାଶ ଅଧିକାରୀ ଶ୍ୱେତାମ୍ବର ମଲ୍ଲିକ, ଗୁଲସନ ମାଝୀ ଓ ବନ ସହାୟକ ଅଳକା ଜାନି କାର୍ଯ୍ୟକ୍ରମକୁ ପରିଚାଳନା ସହ ସମସ୍ତ ସହଯୋଗ କରିଥିଲେ।

# ନିମ୍ନମାନର ରାସ୍ତାକାମ ନେଇ ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଭାୟା ମିଣ୍ଡୋଳ ଦେଇ ପାଇକସାହି ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ବର ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହାର ଏକ ନକଲ ପୂର୍ତ୍ତ ବିଭାଗ ସଚିବ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଉକ୍ତ ୧୧ କି.ମି. ରାସ୍ତାକୁ ସମ୍ପ୍ରସାରଣ କରାଯାଇ ନୂତନ ରାସ୍ତା ନିର୍ମାଣ କରାଯାଉଛି । ଉକ୍ତ ରାସ୍ତା ପୂର୍ବରୁ ୩.୭୦୦ ମିଟର ଚଉଡ଼ା ଥିବାବେଳେ ଏହାକୁ ବଢ଼ାଇ ୫.୫୦୦ ମିଟର ଚଉଡ଼ା ରାସ୍ତା ନିର୍ମାଣ କରାଯାଇଛି। ୧୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା ମାର୍ଚ୍ଚ ୨୦୨୪ ରୁ କାମ ଆରମ୍ଭ ହୋଇଛି। ଉକ୍ତ ରାସ୍ତାକାମ ବାହାର ଅଞ୍ଚଳର ଏକ ଅଣଓଡ଼ିଆ ଠିକାସଂସ୍ଥା କାର୍ଯ କରୁଥିବାରୁ ଅତି ନିମ୍ନମାନର କାର୍ଯ୍ୟ କରୁଛି । ରାସ୍ତାର ଚଉଡ଼ା ଠିକାସଂସ୍ଥା ଅନେକ ସ୍ଥାନରେ ୫ ମିଟର କରୁଥିବା ଅଭିଯୋଗ ହୋଇଛି। ରାସ୍ତାରେ ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡୁଥିବାବେଳେ ଉଚ୍ଛେଦ ନ କରି ରାସ୍ତା ନିର୍ମାଣ କରୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଠିକ୍ ପରିମାଣର ମେଣ୍ଟାଲ ନଦେଇ କ୍ରସର ଗୁଣ୍ଡ ମିଶାଇ କରାଯାଉଥିବା ଦେଖିବାକୁ ମିଳିଛି। ରାସ୍ତାକାମ ବେଳେ ବିଭାଗୀୟ ଯନ୍ତ୍ରୀ ରହୁ ନଥିବାରୁ ଠିକାସଂସ୍ଥା ତରବରିଆ କାମ କରୁଥିବା ଅଭିଯୋଗ ହୋଇଛି । ଅନେକ ସ୍ଥାନରେ ପିଚୁ କାମ କରାଯାଉଥିବା ବେଳେ କାମର ମାତ୍ର ୫ ଦିନ ପରେ ପିଚୁ ଉଠିଯାଇ ନଷ୍ଟ ହୋଇଯାଇଛି। ଠିକାସଂସ୍ଥା ସହ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବା ଜଣାପଡ଼ିଛି । ରାସ୍ତାରେ ବାଧକ ସାଜୁଥିବା ଗଛ ସହ ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତର କରି ରାସ୍ତାକାମ ନିର୍ମାଣ ପାଇଁ ଠିକାସଂସ୍ଥାକୁ ବହୁବାର ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ଉକ୍ତ ରାସ୍ତାକାମ ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବା ପୂର୍ବରୁ ମିଣ୍ଡୋଳ ଗ୍ରାମବାସୀ ୨୭ ନଭେମ୍ବର ୨୦୨୫ରେ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ବହୁ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେଉଥିବାବେଳେ ଠିକ୍ ଭାବେ ନିର୍ମାଣ ହେଉ ନଥିବା ଯୋଗୁ ଅଳ୍ପଦିନରେ ରାସ୍ତା କଦର୍ଯ୍ୟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ସନ୍ତୋଷ ବେହେରା କହିଛନ୍ତି, ରାସ୍ତାକାମ ଯାଞ୍ଚ କରାଯାଉଛି। କିପରି ଠିକ୍ ଭାବେ ପିଚୁ କାମ କରିବ ସେନେଇ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।

# ଅଙ୍ଗନୱାଡି ଅଣ୍ଡା ବଣ୍ଟନରେ ମହାଦୁର୍ନୀତି

## ୫ ମାସରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଅଣ୍ଡା ବାଟମାରଣା

### ■ଅଭିଯୋଗ ପରେ ତଦନ୍ତ ଆରମ୍ଭ

ପରଜଙ୍ଗ,୨୨।୩
(ନିଗମାନନ୍ଦ ଦଳବେହେରା)

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଅପପୃଷ୍ଟିକୁ ଦୃଷ୍ଟିରେ ରଖି ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଗର୍ଭବତୀ ମହିଳା, ୭ ମାସରୁ ୩ ବର୍ଷର ଶିଶୁମାନଙ୍କୁ ପ୍ରତ୍ୟେକ ମାସରେ ଛତୁଆ ସହିତ ୧୨ଟି ଲେଖାଏଁ ଅଣ୍ଡା ବଣ୍ଟନ ପାଇଁ ଧାର୍ଯ୍ୟ ହୋଇଛି। ସେହିପରି ୧୪ ବର୍ଷରୁ ୧୮ ବର୍ଷ ଏବଂ ୧୮ ବର୍ଷରୁ ୧୯ ବର୍ଷ କିଶୋରୀ ବାଳିକାମାନଙ୍କୁ ମାସିକ ୧୬ଟି ଲେଖାଏ ଅଣ୍ଡା ବଣ୍ଟନର ନିୟମ ରହିଛି। ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢ଼ିଆସୁଥିବା ଶିଶୁମାନଙ୍କୁ ସପ୍ତାହକୁ ୫ ଦିନ ଅଣ୍ଡା ଭାତ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହିସବୁ ନିୟମକୁ ଉଲ୍ଲଂଘନ କରାଯାଇ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଅଣ୍ଡା ବଣ୍ଟନରେ ମହାଦୁର୍ନୀତି ହୋଇଥିବା ନଜରକୁ ଆସିଛି। ଦୀର୍ଘ ୪ ମାସ ହେବ ବ୍ଲକର ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ବଣ୍ଟନ ହୋଇ ନ ଥିବା ବେଳେ ସିଡିପିଓଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ ମାସରେ ଅଣ୍ଡା ବଣ୍ଟନ ହୋଇଥିବା ବିଲ୍ କର୍ମୀମାନେ ପୈଠ କରିଥିବା ନୂତନ ଭାବେ ଯୋଗଦେଇଥିବା ସିଡିପିଓ ସ୍ୱର୍ଣ୍ଣଲତା ମହାପାତ୍ର ଚାଞ୍ଚଲ୍ୟକର ବୟାନ ରଖିଛନ୍ତି।

ଗତବର୍ଷ ଡିସେମ୍ବର ମାସଠାରୁ ଚଳିତ ମାର୍ଚ୍ଚ ପର୍ଯ୍ୟନ୍ତ ୪ ମାସ ଅଣ୍ଡା ବଣ୍ଟନ ହୋଇ ନ ଥିବା ବେଳେ ଏବେ କେନ୍ଦ୍ରଗୁଡିକରେ ୪ ମାସର ଏକ କାଳୀନ ଅଣ୍ଡା ବଣ୍ଟନ କରୁଛନ୍ତି, ଯାହାକି ଧାର୍ଯ୍ୟ ଠାରୁ ବହୁତ କମ। ପରଜଙ୍ଗ ବ୍ଲକରେ ୫୪୯ ଜଣ ଗର୍ଭବତୀ ମହିଳାଙ୍କୁ ୪ ମାସର ୪୮ଟି ଲେଖାଏ ଅଣ୍ଡା ବଦଳରେ ୩୦ଟି ଲେଖାଏ ବଣ୍ଟନ ହୋଇଛି, ଯାହାକି ୯୮୮୨ଟି ଅଣ୍ଡା ବାଟମାରଣା ହୋଇଛି। ସେହିପରି ୬୪୫ ଜଣ ପ୍ରସୂତି ମହିଳାଙ୍କୁ ସମାନ ଭାବରେ ୩୦ଟି ଲେଖାଏ ଦିଆଯାଇଛି, ଯାହାକି ୧୧୬୧୦ଟି ଅଣ୍ଡା ଗାଏବ, ୩୮୬୩ଜଣ ଶିଶୁଙ୍କୁ ୩୦ଟି ଲେଖାଏ ଦିଆଯାଇ ୬୯୫୩୪ଟି ଅଣ୍ଡା ଘୋଟାଲା କରାଯାଇଛି। ସେହିପରି ୨୬୧୮ଜଣ କିଶୋରୀ ବାଳିକାଙ୍କୁ ୬୪ଟି ଅଣ୍ଡା ବଦଳରେ ୩୦ଟି ଦିଆଯାଇଛି, ଯାହାକି ୮୯୦୧୨ଟି ଅଣ୍ଡା ଏବଂ ୯୨୮ଜଣ ୧୮ ବର୍ଷରୁ ୧୯ ବର୍ଷ କିଶୋରୀ ବାଳିକାମାନଙ୍କୁ ୬୪ଟି ବଦଳରେ ୩୦ଟି ଲେଖାଏଁ ଦିଆଯାଇ ୩୧୫୫୨ଟି ଅଣ୍ଡା ଗାଏବ କରାଯାଇଛି। ବ୍ଲକରେ ମୋଟ ୨୧୨ଟି କେନ୍ଦ୍ରରେ ୯୮୫୦ ଶିଶୁ ପାଠ ପଢୁଥିବା ବେଳେ ସେମାନଙ୍କୁ ମାସିକ ୨୦ରୁ ଊର୍ଦ୍ଧ୍ୱ ଅଣ୍ଡା ଭୋଜନରେ ଦେବା ବଦଳରେ ମାସିକ ୧୦ଟି ଲେଖାଏଁ ଖାଇବାକୁ ଦେଇ ପ୍ରାୟ ୪ ମାସରେ ୩ ଲକ୍ଷ ୯୪ ହଜାରରୁ ଊର୍ଦ୍ଧ୍ୱ ଅଣ୍ଡା ବାଟମାରଣା ହୋଇଥିବା ଖୋଦ ସୁପର୍‌ଭାଇଜର, କର୍ମୀମାନେ ସ୍ୱୀକାର କରିବା ସହ ଆଗକୁ ଠିକ ଦିଆଯିବ ବୋଲି କହିଛନ୍ତି। ଗତ ୪ ମାସରେ ମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଅଣ୍ଡା ବାଟମାରଣା ହୋଇଥିବା ଜଣାପଡ଼ିଛି। ସରକାର ପ୍ରଦାନ କରୁଥିବା ଅଣ୍ଡା ଦର ୭ ଟଙ୍କା ହିସାବରେ ୬ ଲକ୍ଷ ଅଣ୍ଡାର ଦାମ ପ୍ରାୟ ୪୨ ଲକ୍ଷ ଟଙ୍କା ସରକାରୀ ଅର୍ଥ ବାଟମାରଣା ହୋଇଛି।

ସେହିପରି ଛତୁଆ ଏବଂ ଅଣ୍ଡା ପ୍ରଦାନରେ ଅନିୟମିତତା ହେଉଥିବା କିଶୋରୀ ବାଳିକା ପରଜଙ୍ଗରୁ ସୁଶ୍ରୀ ମୃଣାଳିନୀ ଦଳବେହେରା, ବୃନ୍ଦାବନପୁରରୁ ପ୍ରାଚୀପ୍ରଜ୍ଞା ମଲ୍ଲିକ, କଙ୍କିଳିରୁ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ଲୋଧଣୀ ପରି ବହୁ କେନ୍ଦ୍ରରେ ଏଭଳି ଅନିୟମିତତା ହୋଇଥିବା ଇ-ମେଲରେ ଜିଲାପାଳ, ଜିଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏ ନେଇ ପରଜଙ୍ଗ ସୁପରଭାଇଜର ପୂର୍ଣ୍ଣିମା ବେହେରା କହିଛନ୍ତି, କର୍ମୀ ଅଣ୍ଡା କମ୍ ଦେଇଥିବା ସ୍ୱୀକାର କରିଛନ୍ତି, ତାଙ୍କୁ ତାଗିଦ କରାଯାଇଛି। ଆଗକୁ ସେମିତି ହେବନାହିଁ। ସୁପର୍‌ଭାଇଜର ସୁଚିତ୍ରା କହିଛନ୍ତି, ଲୋଧଣୀ ସେକ୍ଟରରେ ଅନିୟମିତତା ହେଉଥିବା ମୁଁ ନିଜେ ଦେଖିଛି ଏବଂ ଠିକ ଅଣ୍ଡା ଦେବାକୁ କର୍ମୀମାନଙ୍କୁ ତାଗିଦ କରିଛି। ଲୋଧାଣିର ଅଙ୍ଗନୱାଡ଼ି କର୍ମୀ କ୍ଷୀରଦ୍ରା ବିଶ୍ୱାଳ କହିଛନ୍ତି, ବ୍ଲକସାରା ସବୁ କର୍ମୀ କଥାହୋଇ ଏତିକି ଦେବା ପାଇଁ ନିଷ୍ପତ୍ତି ହୋଇଛି। ମୁଁ ଅଧିକା ଦେଲେ ମୋତେ ଅନ୍ୟ କର୍ମୀମାନେ ବିରକ୍ତ ହେବେ ବୋଲି ମୁଁ ବି କମ୍ ଦେଉଛି। କଙ୍କଳିର କର୍ମୀ ଟୁନି ସାହୁ କହିଛନ୍ତି, ପ୍ରତିମାସରେ ଅଣ୍ଡା ବଣ୍ଟନ କରୁଛୁ ବୋଲି ବିଲ୍ ଦେଉଛୁ, କିନ୍ତୁ ଟଙ୍କା ମିଳି ନ ଥିଲା ବୋଲି ଆମେ ଏବେ କିଛି ଅଣ୍ଡା କାଟି ଦେଉଛୁ। କିନ୍ତୁ କିଶୋରୀ ବାଳିକାଙ୍କୁ ୧୬ଟି ଅଣ୍ଡା ଦିଆଯାଏ ବୋଲି କେହି ଜାଣି ନ ଥିବାରୁ ସେମାନଙ୍କୁ କମ୍ ଦେଉଛୁ। ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଫାଷ୍ଟଟ୍ରାକ୍ କୋର୍ଟରେ ୨ ମାସ ଭିତରେ ନ୍ୟାୟ ଦାବିକଲା ଏଏପି




## କଲେଜ ଛାତ୍ରୀ ହତ୍ୟା ଘଟଣା

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର କଲେଜ ଛାତ୍ରୀ ହତ୍ୟା ଘଟଣାକୁ ନେଇ ମୃତ ଛାତ୍ରୀଙ୍କ ପରିବାରକୁ ରବିବାର ଆମ୍ ଆଦମୀ ପାର୍ଟିର ନେତୃବୃନ୍ଦ ଓ କର୍ମୀମାନେ ଭେଟିଥିଲେ । ଫାଷ୍ଟଟ୍ରାକ୍ କୋର୍ଟରେ ଦୁଇମାସ ମଧ୍ୟରେ ନ୍ୟାୟ ପ୍ରଦାନ ସହିତ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଏଏପି ପକ୍ଷରୁ ଦାବି କରାଯାଇଛି। ରାଜ୍ୟରେ ଗୋଟିକ ପରେ ଗୋଟିଏ ବଡ଼ଧରଣର ଅପରାଧ ଘଟୁଥିବା ବେଳେ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉ ନ ଥିବାରୁ ତାହାର ପରିଣାମ ଯୋଗୁ କଲେଜ ଛାତ୍ରୀ ହତ୍ୟାର ଶିକାର ହୋଇଛନ୍ତି ବୋଲି ନେତୃବୃନ୍ଦ କହିଥିଲେ । ଏହି ଘଟଣା ସମଗ୍ର ସମାଜକୁ ଲଜ୍ଜିତ ଓ ଦୁଃଖିତ କରିଛି । ଏହା କେବଳ ଏକ ଅପରାଧ ନୁହେଁ, ଏହା ନାରୀ ସୁରକ୍ଷା ପ୍ରତିସମାଜ ଓ ପ୍ରଶାସନର ଦୁର୍ବଳତାକୁ ପ୍ରକାଶ କରୁଛି ବୋଲି ନେତୃବୃନ୍ଦ କହିଥିଲେ । ଏଏପି ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଅନିଲ ସାମଲ, ସଦସ୍ୟ ଗୌରାଙ୍ଗ ସାମଲ, ଲକ୍ଷଣ ଦାସ, ଜୟନ୍ତ ଦାସ, ମହିଳା ସୁରକ୍ଷା ମହା ସଂଗଠନର ସମ୍ପାଦିକା ଉର୍ବଶୀ ନାୟକ, ସଭାପତି ଶାନ୍ତିଲତା ବେହେରା, ଟିଙ୍କିଲି ପଣ୍ଡାଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ। ପୋଲିସ ଲୋକଙ୍କ ଧାରଣାକୁ ଅନ୍ୟ ଆଡ଼କୁ ନେବାକୁ ଚେଷ୍ଟା କରୁଛି ବୋଲି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଅଭିଯୋଗ କରିଥିଲେ । ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ହୁଏ, ସ୍ଥାନୀୟ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବୃଦ୍ଧି, ସିସିଟିଭି ବ୍ୟବସ୍ଥା, ମହିଳା ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ପାଇଁ ଦାବି ହୋଇଛି। ଏହା ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।

# କୂଅ ଖୋଳିବା ବେଳେ ଶ୍ରମିକ ଗୁରୁତର

ଗଁଦିଆ୨୨।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ବଣିଆପଡ଼ା ଗ୍ରାମରେ ଏକ କୂଅ ଖୋଳିବା ସମୟରେ ଉକ୍ତ ଗ୍ରାମର ସୁରେଶ ବିଶ୍ୱାଳ (୬୨) ନାମକ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି । ବଣିଆପଡ଼ା ଗ୍ରାମରେ କିଛି ଶ୍ରମିକ ଏକ ନୂତନ କୂଅ ଖୋଳୁଥିବା ସମୟରେ ଗଭୀର କୂଅ ମଧ୍ୟରେ ସୁରେଶ ଅଣନିଶ୍ୱାସୀ ହୋଇ ଗୁରୁତର ହୋଇପଡିଥିଲେ। ଖବରପାଇ ଗଁଦିଆ ଅଗ୍ନିଶମ ବିଭାଗ ମୁଖ୍ୟ ଦିଲୀପ କୁମାର ଦାସ, ସନ୍ତୋଷ କୁମାର ଷେଣ୍ଢ, ପବିତ୍ର ବେହେରା, ରମାକାନ୍ତ ସାହୁ, ଶ୍ରୀକାନ୍ତ ପରିଡା, ସୌରଭ କୁମାର ବେହେରା ପ୍ରମୁଖ ପହଞ୍ଚି ୨୦ଫୁଟ ଗଭୀର କୂଅରୁ ସୁରେଶଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅମ୍ଳଜାନ କମିଯିବାରୁ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । କଟକଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

# ଢେଙ୍କାନାଳରୁ ଖୋର୍ଦ୍ଧାରୋଡ଼ ନୂତନ ପାସେଞ୍ଜର ଟ୍ରେନ୍ ଚାଲୁ



## ରେଳଯାତ୍ରୀ ସଂଘର ସାଧାରଣ ବୈଠକରେ ଦାବି ଜୋରଧରିଲା

ଢେଙ୍କାନାଳ,୨୨।୩(ରତନ ନାୟାର)- ଢେଙ୍କାନାଳ ଦୈନିକ ରେଳଯାତ୍ରୀ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ସହରର ସିମିଳିଆ ଅଞ୍ଚଳରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୋଟ ୬୧ଜଣ ଦୈନିକ ଯାତ୍ରୀ ଉପସ୍ଥିତ ହୋଇ ସଂଘର ବିଭିନ୍ନ ବୃତ୍ତାନ୍ତ ସମସ୍ୟା ଓ ଦାବି ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ। ବୈଠକରେ ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ମନମୋହନ ଶତପଥୀ, ବିଶ୍ୱନାଥ ବେହେରା, ବିଜୟ କୁମାର ମହାପାତ୍ର, ଗିରିଧାରୀ ପ୍ରଧାନ, ସଂଗଠନ ସମ୍ପାଦକ ପ୍ରଭଞ୍ଜନ ପାଣିଗ୍ରାହୀ, ଯୁଗ୍ମ ସଚିବ ମନମୋହନ ମହାପାତ୍ର, ଶ୍ୟାମ ସୁନ୍ଦର ପଣ୍ଡା, ସୌମ୍ୟରଞ୍ଜନ ପତି ଓ ସମ୍ପାଦକ ବଦ୍ରି ନାରାୟଣ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯାତ୍ରୀମାନଙ୍କ ସୁବିଧା ପାଇଁ ଢେଙ୍କାନାଳରୁ ଖୋର୍ଦ୍ଧା ରୋଡ଼ ପର୍ଯ୍ୟନ୍ତ ଏକ ନୂତନ ପାସେଞ୍ଜର ଟ୍ରେନ୍ ଚାଲୁ କରିବା ପାଇଁ ବୈଠକରେ ଦାବି ଜୋର ଧରିଥିଲା । ଏଥିସହିତ ନୂତନ ସମୟ ସାରଣୀକୁ ପ୍ରତିବାଦ କରି ଟ୍ରେନ ନଂ-୬୮୪୨୧ର ପୂର୍ବ ସମୟ ସାରଣୀକୁ ପୁନଃବାହାଲ କରିବା, ଧାନବାଦ-ଭୁବନେଶ୍ୱର ଓ ପୁରୀ-ଦୁର୍ଗ ଟ୍ରେନଗୁଡ଼ିକ ମଧ୍ୟରେ ପ୍ରାୟ ୩୦ମିନିଟ ବ୍ୟବଧାନ ରଖିବା କିମ୍ବା ଗୋଟିଏ ଟ୍ରେନକୁ ନରାଜ ମାର୍ଗଦେଇ ଚଳାଇବା ପାଇଁ ଦାବି ହୋଇଥିଲା । ସେହିପରି ସମସ୍ତ ଟ୍ରେନ୍‌ର ସମୟାନୁବର୍ତ୍ତିତା ନିଶ୍ଚିତ କରିବା ଆଦି ଦାବି ହୋଇଥିଲା । ଉପସଭାପତି ଆଶୁତୋଷ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ପାଇକସାହି ଅଞ୍ଚଳର ବର୍ଷା ନାୟକଙ୍କୁ ତାଙ୍କ ସ୍ୱାମୀ ବିକ୍ରମ ନାୟକ, ଶ୍ୱଶୁର କିଶୋରୀ ନାୟକ, ଦିଅର କୀରିଟି ନାୟକ ଯୌତୁକ ନିର୍ଯାତନା ଦେଉଥିବା ବର୍ଷା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୦/୨୬ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି, ଅଙ୍ଗପଡ଼ା ଅଞ୍ଚଳର ବର୍ଷାଙ୍କୁ ବିକ୍ରମ ବୈଦିକ ରୀତିରେ ବିବାହ କରିଥିଲେ। ସେହି ସମୟରେ ବାପଘର ଲୋକେ ସକ୍ଷମ ଅନୁଯାୟୀ ଯୌତୁକ ସହ ସମସ୍ତ ଆସବାବପତ୍ର ଦେଇଥିଲେ। ହେଲେ କିଛିଦିନ ହେବ ଏକଲକ୍ଷ ଟଙ୍କା ସହ ବାଇକ୍, ସୁନାଚେନ ଆଣିବାକୁ କହି ତାଙ୍କୁ ନିର୍ଯାତନା ଦେଇ ଘରୁ ମାଡ଼ମାରି ବାହାର କରିଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

# ତୈଳିକ ସମାଜ ପକ୍ଷରୁ ପଙ୍କଜ ପୃଷ୍ଟିଙ୍କୁ ମରଣୋତ୍ତର ସମ୍ମାନ



ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ଶ୍ରୀହରିପ୍ରେମୀ ପଙ୍କଜ ଚରଣ ପୃଷ୍ଟିଙ୍କୁ ଶନିବାର ତୈଳିକ ସମାଜ ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ପରଲୋକରେ ତୈଳିକ ସମାଜ ପକ୍ଷରୁ ସମବେଦନା ଜ୍ଞାପନ କରାଯିବା ସହ ଏକ ଶୋକସଭା ଆୟୋଜିତ ହୋଇଥିଲା। ସମନ୍ୱୟ ସମାଜର ସଭାପତି ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ଲିଙ୍ଗରାଜ ବେହେରା, କୋଷାଧ୍ୟକ୍ଷ ଲଳିତ ସାହୁ, ଅନୁଗୁଳ ସାହୁ, ପ୍ରମୋଦ ସାହୁ, ସପ୍ତରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି, ମାଧବ ସାହୁ, ବିଜୟ ସାହୁ, ଉମେଶ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ଉପଦେଷ୍ଟା ମହେନ୍ଦ୍ର ସାହୁ, ରମେଶ ପୃଷ୍ଟି, ପ୍ରଫୁଲ ସାହୁ, ଇନ୍ଦିପୁର ସମାଜ ସଭାପତି ବସନ୍ତ ପୃଷ୍ଟି, ସମ୍ପାଦକ ଗୌରାଙ୍ଗ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନୀରବ ପ୍ରାର୍ଥନା କରିଥିଲେ । ତୈଳିକ ସମାଜକୁ ଶୃଙ୍ଖଳିତ କରିବା ଦିଗରେ ପଙ୍କଜ ପୃଷ୍ଟିଙ୍କ ଅତୁଳନୀୟ ଅବଦାନ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ତାଙ୍କ ପରିବାରଙ୍କୁ ସ୍ମୃତି ସ୍ୱରୂପ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀହରି ପରିବାର ପକ୍ଷରୁ ପ୍ରକାଶିତ ସ୍ମୃତି ପୁସ୍ତକ ଉନ୍ମୋଚିତ ହୋଇଥିଲା । ତାଙ୍କର ମଧ୍ୟମ ପୁତ୍ର ଅଜୟ କୁମାର ପୃଷ୍ଟିଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ ।

# ପ୍ରାଦେଶିକ ଚାରଣ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଢେଙ୍କାନାଳ,୨୨।୩(ରତନ ନାୟାର



ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦା ଜଗନ୍ନାଥ ମନ୍ଦିରଠାରେ ୩୧ ତାରିଖରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀଜଗନ୍ନାଥ ଧାମ ପୁରୀ ଆନୁକୂଲ୍ୟରେ ୪୯ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ଚେତନା ଅଧିବେଶନ ଅନୁଷ୍ଠିତ ହେବ । ଏଥିନିମନ୍ତେ ଶନିବାର ସନ୍ଧ୍ୟାରେ ଦଧିସିଙ୍ଗା ଜଗନ୍ନାଥ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦଳପତି ପଞ୍ଚାନନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୩ଦିନ ବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଅତିଥିମାନଙ୍କୁ ସ୍ୱାଗତ, କଳସ ଯାତ୍ରା, ନଗର କିର୍ତ୍ତନ, ଗୀତଗୋବିନ୍ଦ ଓ ଭାଗବତ ପାଠ, ସମୂହ ସ୍ୱାଧ୍ୟାୟ, ବିଷ୍ଣୁ ସହସ୍ରନାମ, ହନୁମାନ ଚାଳିଷା, ଶିକ୍ଷା ଶିବିର, ପ୍ରବଚନ ଓ ଭାଗବତ ସଭା ଆଦି ଅନୁଷ୍ଠିତ ହେବ । ଅରୁଣ କୁମାର ପୁହାଣ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶରତ ରାଉତ, ଅଭିନ୍ନ ରାଉତ, ପ୍ରଦୀପ କୁମାର ସାହୁ, ଯୁଧିଷ୍ଠିର ମହାନ୍ତି, ଶ୍ରୀବତ୍ସ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ନାୟକ, ଲମ୍ବୋଦର ପରିଡା, ବିପ୍ରବର ରାଉତ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଦଧିସିଙ୍ଗା ଚାରଣଗୋଷ୍ଠୀ ଦଳପତି ମଙ୍ଗୁଳି ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ‘ସ୍ମୃତି ଅନୁଭୂତି’ ଲୋକାର୍ପଣ ଉତ୍ସବ



ଅତିଥିମାନେ ‘ସ୍ମୃତି ଅନୁଭୂତି’ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

ଢେଙ୍କାନାଳ,୨୨।୩(ରତନ ନାୟାର)

କବିତା ହୃଦୟର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ଓ ଏକ ନୈସର୍ଗିକ ଅଭିବ୍ୟକ୍ତି । କବୟିତ୍ରୀ ପ୍ରଭାବତୀ ଆଚାର୍ଯ୍ୟଙ୍କ ଲିଖିତ କବିତା ପୁସ୍ତକ ‘ସ୍ମୃତି ଅନୁଭୂତି’ ଆଧ୍ୟାତ୍ମିକତା, ବିଶ୍ୱଚେତନା ଓ ସାମାଜିକ ମୂଲ୍ୟବୋଧରେ ନିସୃତ ହୋଇଛି ବୋଲି ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ଜିଲା ଲେଖକ ସଂସଦ ଭବନଠାରେ ରବିବାର ଆୟୋଜିତ ଏକ ଉତ୍ସବରେ ‘ସ୍ମୃତି ଅନୁଭୂତି’ ଲୋକାର୍ପଣ ହୋଇଯାଇଛି। ପୁସ୍ତକର ସ୍ରଷ୍ଟା କବୟିତ୍ରୀ ପ୍ରଭାବତୀ ଆଚାର୍ଯ୍ୟ ପ୍ରାରମ୍ଭିକ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଲେଖକ ସଂସଦର ମୁଖ୍ୟ ପୃଷ୍ଠପୋଷକ କଳ୍ପନାମୟୀ ଦାସ ଯୋଗଦେଇ କହିଲେ ଯେ, ପୁସ୍ତକର ସ୍ରଷ୍ଟା ଜଣେ ସୁଗୃହିଣୀ । ସାଧାରଣ ଜୀବନ ଜଞ୍ଜାଳ ଭିତରେ ରହସ୍ୟମୟୀ ଅନୁଭୂତିକୁ ସୁନ୍ଦର ଓ ସାବଲୀଳ ଭାବରେ ରୂପାୟିତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବୈକୁଣ୍ଠନାଥ ଆଚାର୍ଯ୍ୟ, ବିଜୟ କୁମାର ମହାପାତ୍ର, ଗୋଲକ ବିହାରୀ ବେହେରା, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ କବୟିତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହିତ କବିତା ପୁସ୍ତକଟି ଜନମାନସରେ ଆଦୃତ ହୋଇପାରିବ ବୋଲି କହିଥିଲେ । କବୟିତ୍ରୀ ସୁକାନ୍ତି ସାହୁ କବିତା ପୁସ୍ତକକୁ ସମୀକ୍ଷା କରିଥିଲେ । ବିଜ୍ଞାନ ମହାନ୍ତି ସଂଯୋଜନା କରିଥିଲେ। ପୁସ୍ତକର ପ୍ରକାଶିକା ସ୍ୱପ୍ନା ଆଚାର୍ଯ୍ୟ ମା’ଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ। ଅର୍ଘ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

# ନିଶାମୁକ୍ତ ଭାରତ ଅଭିଯାନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ




କାମାକ୍ଷାନଗର,୨୨।୩
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମଠକରଗୋଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଣାଳୟ ସହାୟତାରେ ଜିଲା ପ୍ରଶାସନ ସ୍ୱେଚ୍ଛାସେବୀ ସଂସ୍ଥା ଐରା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଐରା ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ମଳୟ କୁମାର ନାୟକ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପିକା ସ୍ୱପ୍ନିତା ରାଉତ ନିଶାମୁକ୍ତ ସମାଜ ନିମନ୍ତେ ଦୃଢ଼ ମାନସିକତାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଅଧ୍ୟାପକ ସୁଧାଂଶୁଶେଖର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ଶୁଭସ୍ମିତା ବିଶ୍ୱାଳ, ସୋମନାଥ ପଣ୍ଡା, ଅର୍ଚ୍ଚିତା ମହାମାନସିଂ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ପ୍ରଦୀପ୍ତ ସାହୁ ଓ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଶାମୁକ୍ତ ଭାରତ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୁନର୍ବାସ କେନ୍ଦ୍ରର ଉପଦେଷ୍ଟା ଅଭିଜିତ୍ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଜାତୀୟସେବା ଯୋଜନା, ଭାରତ ସ୍କାଉଟ ଓ ଗାଇଡ୍ ତଥା ଯୁବ ରେଡକ୍ରସ ସଂସ୍ଥାର ୨ ଶହରୁ ଅଧିକ ସ୍ୱେଚ୍ଛାସେବୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିବା ସହ ନିଶାଗ୍ରସ୍ତ ନ ହେବାକୁ ଶପଥ ନେଇଥିଲେ। ଅଧ୍ୟାପକ ସୋମନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦିନରେ ୧୫୫ ଗାଡ଼ିରୁ ୪ଲକ୍ଷ ଟଙ୍କା ଜରିମାନା ଆଦାୟ

## ଆଞ୍ଚଳିକ ପରିବହନ ବିଭାଗର ଚଢ଼ାଉ

ଢେଙ୍କାନାଳ,୨୨।୩(ରତନ ନାୟାର)



ଜଣେ ବାଇକ୍ ଚାଳକଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଉଛି।



ଜଣେ ବାଇକ୍ ଚାଳକଙ୍କୁ ଯାଞ୍ଚ କରାଯାଉଛି।

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜିଲାରେ ସ୍ୱତନ୍ତ୍ର ଚଢାଉ ଅଭିଯାନ ଆରମ୍ଭ ହୋଇଛି। ଜିଲାର ସମସ୍ତ ଥାନା ଅଞ୍ଚଳରେ ପୋଲିସ ସହାୟତାରେ ଏହି ଚଢାଉ କରାଯାଉଛି । ଅମାନିଆ ଗାଡି ଚାଳକ, ମଦ୍ୟପ ଗାଡି ଚାଳକ, ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର ନ କରିବା, ସଡ଼କ ସୁରକ୍ଷା ନିୟମକୁ ଉଲ୍ଲଂଘନ କରିବା ଆଦିକୁ ନେଇ ଏହି ଚଢ଼ାଉ ଜୋରଦାର କରାଯାଇଛି। ଦୁଇ ଦିନରେ ୧୫୫ ଗାଡିରୁ ଚାଲାଣ କଟାଯାଇ ମୋଟ ୪ଲକ୍ଷ ଟଙ୍କା ଆଦାୟ ହୋଇଛି । ଶନିବାର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଏହି ସ୍ୱତନ୍ତ୍ର ଚଢ଼ାଉ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ଢେଙ୍କାନାଳ ସହର କୋରିଆଁ ବାଇପାସଠାରେ ଚଢାଉ ଜାରି ରହିଛି । ଏପରିକି ଯେଉଁ ବାଇକ ଚାଳକ କିମ୍ବା ଚାରିଚକିଆ ଏବଂ ଭାରିଯାନ ଚାଳକମାନେ ସଡ଼କ ସୁରକ୍ଷା ନିୟମକୁ ମାନି ଗାଡି ଚଳାଉଛନ୍ତି, ସେମାନଙ୍କୁ ଆଞ୍ଚଳିକ ପରିବାର ବିଭାଗ ପକ୍ଷରୁ ରାସ୍ତାରେ ଗୋଲାପ ଫୁଲ ଦେଇ ସଚେତନ କରାଯାଉଛି । ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପରିବହନ ଅଧିକାରୀ ସାର୍ଥକ ଦତ୍ତ, ମୋଟରଯାନ ନିରୀକ୍ଷକ ସୁନିତା ପଣ୍ଡା, ଏଏସ୍‌ଆଇ ପଦ୍ମଭୂଷଣ ମହାନ୍ତି ଓ ବିଭାଗୀୟ କର୍ମଚାରୀ ଏହି ସ୍ୱତନ୍ତ୍ର ଚଢାଉ ଜାରି ରଖିଛନ୍ତି ।

